## ସଂକ୍ଷେପରେ

### ରାସ୍ତାରେ ଟଳିପଡ଼ିଲେ ବୃଦ୍ଧ

ଛତ୍ରପୁର,୧୬ା୭ (ଦିଲୀପ ସାମଲ)

ଘରୁ ଛତ୍ରପୁର ଆସୁଥିବା ବେଳେ ରାସ୍ତାରେ ଟଳି ପଡିଲେ ବୃଦ୍ଧ । ତାଙ୍କୁ ଛତ୍ରପୁର ମେଡିକାଲ ୧୦୮ ଯୋଗେ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ଗଞ୍ଜାମ ସହରର ଅଭିରାମ ପଣ୍ଡା (୭୫)। ଛତ୍ରପୁର କଲେଜ ଛକ ନିକଟରେ ଗାଡ଼ିରୁ ଓହ୍ଲାଇବା ପରେ ମୁଣ୍ଡ ବୁଲାଇବା ସହ ସେଠାରେ ପଡିଯାଇଥିଲେ। ୧୦୮ ଯୋଗେ ତାଙ୍କୁ ଛତ୍ରପୁର ମେଡିକାଲ ଅଣାଯାଇଥିଲା। ତାଙ୍କ ନିକଟରେ ଥିବା ବ୍ୟାଙ୍କ ଏଟିଏମ କାର୍ଡରେ ପରିଚୟ ଜଣାପଡିବା ପରେ ପୋଲିସ ପରିବାର ଲୋକଙ୍କୁ ଅବଗତ କରାଇଥିଲେ।

### ଗୋମାଂସ ବୋଝେଇ କଣ୍ଟେନର ଜବତ

ଛତ୍ରପୁର, ୧୬ା୭(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲା ଛତ୍ରପୁର ଦେଇ ଯାଇଥିବା ଜାତୀୟ ରାଜପଥର ଡିଆରଡିଏ ଛକ ନିକଟରେ ମଙ୍ଗଳବାର ଏକ ଗୋମାଂସ ବୋଝେଇ କଣ୍ଟେନର ଜବତ ହୋଇଛି । ପୋଲିସ ନିରବଦ୍ରଷ୍ଟା ସାଜିଥିବା ବେଳେ ବଜରଙ୍ଗ ଦଳ ଏହାକୁ ଅଟକାଇ ପୋଲିସକୁ ହସ୍ତାନ୍ତର କରିଛି। କୋଲକାତାରୁ ଏକ କଣ୍ଟେନର (ଟିଏନ ୦୪ ଏୟୁ ୫୬୫୫) ଯୋଗେ ଗୋମାଂସ ଚେନ୍ନାଇ ଚାଲାଣ ହେଉଥିବା ସୂଚନା ପାଇ ବଜରଙ୍ଗଦଳ କର୍ମୀ ଟ୍ରକଟିକୁ ଅଟକାଇ ଥିଲେ। କଣ୍ଟେନରରେ ପ୍ୟାକ କରାଯାଇ ବହୁ ପରିମାଣର ଗୋମାଂସ ରଖାଯାଇଥିଲା। ପାଖାପାଖି ୧୮ ଟନ ଥିବା ଜଣାପଡିଥିଲା। ଛତ୍ରପୁର ପୋଲିସ ପହଞ୍ଚି ଉକ୍ତ କଣ୍ଟେନରକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ପୋଖରୀରେ ବୁଡ଼ି ଏନ୍‌ସିସି ଛାତ୍ରୀଙ୍କ ମୃତ୍ୟୁ

ଭଞ୍ଜନଗର,୧୬ା୭ (ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ କ୍ୟାଡେଟ ତଥା ଯୁକ୍ତ ୩ ଶେଷ ବର୍ଷ ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ (୧୯) ସୋମବାର ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ଗୁଣ୍ଡିରିବାଡିର ପ୍ରଦୀପ ପ୍ରଧାନଙ୍କ ମଝିଆ ଝିଅ ପ୍ରିୟଙ୍କା ଭଞ୍ଜନଗର କଲେଜରେ ପାଠ ପଢୁଛନ୍ତି। ମଙ୍ଗଳବାର ସକାଳ ୫ଟାରେ ସାନ ଭଉଣୀ ଉଷା ସହିତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ପାଣିରେ ବୁଡି ଯାଇଥିଲେ। ସାନ ଭଉଣୀ ଆସି ଗ୍ରାମବାସୀ ଏବଂ ଘରେ କହିବା ପରେ ଭଞ୍ଜନଗର ଦମକଳ ବାହିନୀକୁ ସୂଚନା ଦିଆଯାଇଥିଲା। ଦମକଳ ବାହିନୀ ଆସିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ପାଣିରେ ପଶି ପ୍ରିୟଙ୍କାଙ୍କୁ ଖୋଜି ବାହାର କରିଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ମେଡିକାଲରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଭଞ୍ଜନଗର ଡାକ୍ତରଖାନାରେ ଭିତ୍ତିଭୂମିର ଅଭାବ ଥିବା ଯୋଗ ଅଙ୍ଗଦାନ ସମ୍ଭବ ହୋଇପାରିବ ନାହିଁ ବୋଲି ଡାକ୍ତର କହିଥିଲେ।

### ନିଖୋଜ ବୃଦ୍ଧଙ୍କୁ ଉଦ୍ଧାର କଲେ ହୋମଗାର୍ଡ

ଗଞ୍ଜାମ,୧୬ା୭(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଆର. ସୋମନାଥ ରେଡି ନିଖୋଜ ଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି। ହୋମଗାର୍ଡ ସୋମବାର ଥାନାରୁ ଡ୍ୟୁଟି ସାରି ନିଜ ଘର ଲକ୍ଷ୍ମୀପୁର ବାଇକରେ ଯାଉଥିବା ବେଳେ ଗ୍ରାମ ନିକଟସ୍ଥ ଫ୍ଲାଇ ଓଭରବ୍ରିଜ ତଳେ ଜୈନିକ ବୃଦ୍ଧଙ୍କୁ ଦେଖି ଅଟକି ଯାଇଥିଲେ। ବୃଦ୍ଧ ଜଣଙ୍କ ଆସିକା ଥାନା ଅନ୍ତର୍ଗତ ବାଲିସିରା ଗ୍ରାମର ପ୍ରତାପ ପଟ୍ଟନାୟକ ବୋଲି ଜାଣିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଥାନାକୁ ନେଇଆସି ଗାଧୋଇବା ବ୍ୟବସ୍ଥା କରାଇବା ସହ ପୋଷାକ ପିନ୍ଧାଇ ଖାଇବାର ବ୍ୟବସ୍ଥା କରାଇଥିଲେ। ଆସିକା ଥାନା ସହ ଯୋଗାଯୋଗ କରିବାରେ ସେ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ବୃଦ୍ଧ ଜଣଙ୍କୁ ନିଜ ଘରକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା।

# ଭଞ୍ଜନଗର ଆରଟିଓରେ ସ୍ୱୟଂଚାଳିତ ଡିଏଲ୍ ପରୀକ୍ଷା ଆରମ୍ଭ

## ଆଇଡିଟିଆର୍‌ଏସ୍ ପ୍ରମାଣପତ୍ର ନ ଥିଲେ ଭାରିଯାନ ଡିଏଲ୍ ମିଳିବ ନାହିଁ

ଭଞ୍ଜନଗର,୧୬ା୭(ବାବୁଲା ପ୍ରଧାନ)




ରାଜ୍ୟରେ ଦୁର୍ଘଟଣାଜନିତ ହାର ବୃଦ୍ଧି ପାଉଥିବା ଯୋଗୁ ଦକ୍ଷ ଡ୍ରାଇଭରମାନଙ୍କୁ ହିଁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ନୂଆ ନୂଆ ପଦକ୍ଷେପ ନିଆଯାଉଛି। ଏହିଭଳି ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସୋମବାରଠାରୁ ପରୀକ୍ଷାମୂଳକ ଭାବେ ସ୍ୱୟଂଚାଳିତ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ଆରମ୍ଭ ହୋଇଛି। କ୍ୟାମେରା ଏବଂ ସେନ୍ସର ମାଧ୍ୟମରେ ଦୁଇ ଚକିଆ ଏବଂ ଚାରି ଚକିଆ ଗାଡ଼ି ଚାଳକଙ୍କ ଦକ୍ଷତା ମପାଯାଉଛି। ଏଥିରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ହିଁ ଡିଏଲ ପ୍ରଦାନ କରାଯିବ। ଏହି ବ୍ୟବସ୍ଥା ଆରମ୍ଭ ହେବା ପରେ ଗଳାବାଟ ଦେଇ ଲାଇସେନ୍ସ ହାସଲ କରୁଥିବା ଗାଡ଼ିଚାଳକମାନେ ଆଉ ଲାଇସେନ୍ସ ହାସଲ କରିପାରିବେ ନାହିଁ। ସେହିଭଳି ଭାରୀଯାନ ଡିଏଲ ପ୍ରଦାନ ସମୟରେ ମଧ୍ୟ ସରକାର କିଛି କଡ଼ା ନିଷ୍ପତ୍ତି ନେଇଛନ୍ତି। ଏଣିକି ଯେଉଁମାନେ ସରକାରଙ୍କ ଦ୍ୱାରା ପରିଚାଳିତ ଆଇଡ଼ିଟିଆରଏସ୍ କେନ୍ଦ୍ରରୁ ଭାରିଯାନ ତାଲିମ ନେଇଥିବେ ସେମାନଙ୍କୁ ହିଁ ଡିଏଲ ପ୍ରଦାନ କରାଯାଉଛି। ଗଞ୍ଜାମ ଜିଲା ପାଲୁର ହିଲ୍ସରେ ଉକ୍ତ ତାଲିମ କେନ୍ଦ୍ର ଅଛି। ସେଠାରେ ସରକାରଙ୍କ ପକ୍ଷରୁ ବେକାର ଯୁବତୀଯୁବକଙ୍କୁ ମାଗଣାରେ ଭାରୀଯାନ ଚଳାଇବା ତାଲିମ ପ୍ରଦାନ କରାଯାଉଛି। ଯେଉଁମାନେ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନଙ୍କୁ ହିଁ ଡିଏଲ୍ ପ୍ରଦାନ କରାଯାଉଛି। ଏଠାରେ ଯେଉଁମାନେ ତାଲିମ ନେଉଛନ୍ତି ସେମାନଙ୍କୁ ରହିବା, ଖାଇବା ସମେତ ଅନେକ ସୁବିଧା ସରକାରଙ୍କ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଉକ୍ତ କେନ୍ଦ୍ରରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଗଞ୍ଜାମ ଜିଲାର ୩ଜଣ ଯୁବକ ସମେତ ରାଜ୍ୟର ୩୦ ଜଣଙ୍କୁ ଜାପାନ ସରକାର ନେଇଛନ୍ତି। ସେଥିମଧ୍ୟରେ ଭଞ୍ଜନଗର ଉପଖଣ୍ଡ ଆସିକା ନିକଟସ୍ଥ ଜୟପୁରର ତୋଫାନ ରାଉତ, ହିଞ୍ଜିଳିକାଟୁ ନିକଟସ୍ଥ ବ୍ରାହ୍ମଣଛାଇର ବିକାଶ ପ୍ରଧାନ ଓ ଗୋଳନ୍ଥରା ନିକଟସ୍ଥ ମାଣିକ୍ଷପୁରର ସି.ଶ୍ୟାମ ବାବୁ ଅଛନ୍ତି। ଚଳିତ ବର୍ଷ ଜାନୁୟାରୀ ମାସରୁ ମେ' ମାସ ମଧ୍ୟରେ ଜିଲାରେ ୧୩ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାର କମିଛି । ଏଥିସହ ୧୭ ପ୍ରତିଶତ ଦୁର୍ଘଟଣା କମିଛି । ଆଗାମୀ ଦିନରେ ଦୁର୍ଘଟଣା ହାର ଆହୁରି କିଭଳି କମିବ ସେଥିପାଇଁ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଯାନବାହାନ ଯାଞ୍ଚ କଡ଼ାକଡ଼ି ହେଉଛି । ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ।

# ବାଘୁଆ ଜଳସେଚନ ପ୍ରକଳ୍ପର ସାଧାରଣ ଅଧିବେଶନ

ବୁଗୁଡ଼ା,୧୬ା୭(କାଳିଚରଣ ଦାଶ)

ବାଘୁଆ ଜଳସେଚନ ପ୍ରକଳ୍ପର ସାଧାରଣ ଅଧିବେଶନ ବୁଗୁଡ଼ାସ୍ଥିତ ବାଘୁଆ ଜଳସେଚନ କଲୋନିରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ଅଧିବେଶନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଖରିଫ ଜଳସେଚନ ପରିଚାଳନା ବିଷୟରେ ଆଲୋଚନା କରିବା ସହ ବର୍ତ୍ତମାନ ବାଘୁଆ ଜଳଭଣ୍ଡାରରେ ୪୪୭.୯୪ ହେକ୍ଟୋମିଟର ଜଳ ଗଚ୍ଛିତ ଥିବା ନେଇ ଚିନ୍ତା ପ୍ରକଟ କରିଥିଲେ। ତେଣୁ ସେ ଚାଷୀମାନଙ୍କୁ ଜଳସେଚନ ପରିଚାଳନା କରିବାରେ ସହଯୋଗ କାମନା କରିଥିଲେ। ଜଳଭଣ୍ଡାରର ଗଚ୍ଛିତ ଜଳର ଅବସ୍ଥିତିକୁ ଆଖି ଆଗରେ ରଖି ଆଗାମୀ ଖରିଫ ଋତୁ ପାଇଁ ଆସନ୍ତା ଜୁଲାଇ ୨୧ଠାରୁ ଜଳଭଣ୍ଡାରର ବାମ ଓ ଡାହାଣ କେନାଲ ଦେଇ ଜଳସେଚନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୋଲସରା ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢ଼ୀ ଓ ବୁଗୁଡ଼ା ସହକାରୀ କୃଷି ଅଧିକାରୀ ହରପ୍ରିୟା ବେହେରା ଯୋଗଦେଇଥିଲେ। ଜଳସେଚନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ସହକାରୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଉପସ୍ଥିତ ଅତିଥି ଓ ଚାଷୀ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୬ା୭(ରାକେଶ ରାଉତ)

ଏକ ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦାୟ ଅଧିକ ୧୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ଅଞ୍ଚଳର ବନମାଳୀ ପ୍ରଧାନ (୨୭)।
ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକା ପାଠ ପଢ଼ିବା ପାଇଁ ଜଣେ ନାବାଳିକା ସାଙ୍ଗ ଘରକୁ ଯାଉଥିଲେ। ଦୀର୍ଘ ଦିନ ହେଲା ଯାଉଥିବାରୁ ଏହାର ସୁଯୋଗ ନେଇ ସାଙ୍ଗଙ୍କ ବଡ଼ଭାଇ ବନମାଳୀ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପୀଡ଼ିତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଏହା ପରେ ବିଭିନ୍ନ ସମୟରେ ତାଙ୍କୁ ବଳାତ୍କାର କରୁଥିଲେ। ଏ ନେଇ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଉଥିଲେ। ଏଥିରେ ଅଥୟ ହୋଇ ପୀଡ଼ିତା ଜଣକ ସାଙ୍ଗ ଘରକୁ ନ ଯିବାରୁ ବନମାଳୀ ଆସିବା ପାଇଁ ବାଧ୍ୟ କରୁଥିଲେ। କିନ୍ତୁ ପୀଡ଼ିତା ଭୟରେ ଘରେ କିଛି କହୁ ନ ଥିଲେ। ଅନେକ ସମୟରେ ପୀଡ଼ିତାଙ୍କ ଦେହ ଅସୁସ୍ଥ ରହୁଥିଲା। ଏନେଇ ପରିବାର ଲୋକେ ବହୁ ଚିନ୍ତାରେ ରହୁଥିଲେ। ଦିନେ ପୀଡ଼ିତା ତାଙ୍କ ବଡ଼ ଭଉଣୀଙ୍କ ସହିତ ଗାଁ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ବଡ଼ ଭଉଣୀ ସାନଭଉଣୀ ଶରୀରରେ କିଛି ପରିବର୍ତ୍ତନ ଦେଖି ତାଙ୍କୁ ଅନେକ ପ୍ରଶ୍ନ କରିଥିଲେ। ଏହି ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ବଡ଼ ଭଉଣୀଙ୍କୁ କହିଥିଲେ। ବଡ଼ ଭଉଣୀଠାରୁ ପରିବାର ଲୋକେ ଶୁଣି ୨୦୨୨ ନଭେମ୍ବର ୧୯ରେ ଟିକାବାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ୮୭/୨୨ରେ ଏକ ମାମଲା ରୁଜୁ କରି ବନମାଳୀଙ୍କୁ କୋର୍ଟ ଚାଲାଣ କରିଥିଲା । ଉପଯୁକ୍ତ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡିତାଙ୍କୁ ୬ ଲକ୍ଷ କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ଧରାକୋଟରେ ନୂଆ ଥାନା ଅଧିକାରୀ

ଧରାକୋଟ, ୧୬ା୭
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନାରେ ନୂଆ ଥାନା ଅଧିକାରୀ ଭାବେ ଚନ୍ଦ୍ରିକା ସ୍ୱାଇଁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କର ଛତ୍ରପୁର ହେଡକ୍ୱାର୍ଟରକୁ ବଦଳି ହୋଇଛି। ନୂଆ ଥାନା ଅଧିକାରୀ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ନୂତନ ଭାବରେ ପ୍ରଣୟନ ହୋଇଥିବା ୩ଟି ଆଇନକୁ ପାଳନ କରିବା ଓ ପୋଲିସ ଯେପରି ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ମସ୍ତିଷ୍କ ରୋଗୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା କଲେ ବିଧାୟକ

ଛତ୍ରପୁର, ୧୬ା୭
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ ସ୍ଥିତ ହନୁମାନ ମନ୍ଦିରର ପୂଜକ ଆରତି ପ୍ରସାଦ ପଣ୍ଡା (ଲିଟୁ) ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ଉତ୍ତମ ଚିକିତ୍ସା ପାଇଁ ତାଙ୍କ ପରିବାର ଲୋକଙ୍କୁ ନିଜ ଦରମାରୁ ୨୫ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି । ଲିଟୁ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କର ଉତ୍ତମ ଚିକିତ୍ସା ଲାଗି ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ ଏବଂ ତାଙ୍କ ପରିବାରକୁ ବିଧାୟକ ସହାୟତା କରିଥିଲେ। ଛତ୍ରପୁର ପାର୍ଟି କାର୍ଯ୍ୟାଳୟଠାରେ ଭାଜପା ଜିଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ନାୟକ ଓ ପଦ୍ମଚରଣ ସାହୁ, ଲିଗାଲ ସେଲ୍‌ର ଆବାହକ ପ୍ରଦୀପ କୁମାର ପାଢୀ, ପୂର୍ବତନ ସମିତିସଭ୍ୟ ଏନ.ଦୁର୍ଯ୍ୟୋଧନ ରେଡ୍ଡୀ ଓ ପି.ରଘୁନାଥ ରେଡ୍ଡୀଙ୍କ ଉପସ୍ଥିତିରେ ବିଧାୟକ ନାୟକ ଏହି ଚେକ ପ୍ରଦାନ କରିଥିଲେ।


ପରିବାର ଲୋକଙ୍କୁ ବିଧାୟକ ଚେକ ପ୍ରଦାନ କରୁଛନ୍ତି।

# ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ୧୬ା୦୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସାବିତ୍ରୀ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଓଡ୍ର ଖଣ୍ଡାୟତ କାଳିଂଜି ସମାଜ କେନ୍ଦ୍ର ପରିଷଦ ପକ୍ଷରୁ ଏକ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଆସିକା ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମନ୍ତ ଦିଲୀପ କୁମାର ରଣସିଂ, ଉପସଭାପତି ବୃନ୍ଦାବନ ଖଟେଇ, ସମ୍ପାଦକ ନୀଳାଞ୍ଚଳ ପୋଲେଇ, ସଂଗଠନ ସମ୍ପାଦକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ମୁଖ୍ୟ ସଂଗଠକ ସତ୍ୟନାରାୟଣ ସ୍ୱାଇଁ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ଜେନା, ଉପଦେଷ୍ଟା କାଳି ଚରଣ ନାୟକ, ନିମନ୍ତ୍ରିତ ସଦସ୍ୟ ଜଗବନ୍ଧୁ ଜେନା, ସରୋଜ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ମଲିକ, ନବକୃଷ୍ଣ ବିଷୋୟୀ, ଯୋଗେନ୍ଦ୍ର ନାଥ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ସମାଜ ପକ୍ଷରୁ ୨୦ଜଣ ମାଟ୍ରିକ ଓ ୧୦୫ଜଣ ଯୁକ୍ତ୨ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାଟ୍ରିକ ଓ ଯୁକ୍ତ୨ର ସର୍ବୋଚ୍ଚ ନମ୍ବର ରଖିଥିବା ୨ଜଣ ଛାତ୍ରଙ୍କୁ ଆବାହକ ସତ୍ୟନାରାୟଣ ସ୍ୱାଇଁ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ କଇଣ୍ଡି ଭନଗର ଅଞ୍ଚଳର ପୂର୍ବତନ ସଭାପତି ଶ୍ୟାମସୁନ୍ଦର ସ୍ୱାଇଁଙ୍କ ସ୍ମୃତିରେ ଏବଂ ଆଦିତ୍ୟ ରଞ୍ଜନ ଜେନା ଓ ହରେକୃଷ୍ଣ ବିଷୋୟୀଙ୍କ ଦ୍ୱାରା ମାଟ୍ରିକ ଓ ଯୁକ୍ତ୨ର ସର୍ବୋଚ୍ଚ ନମ୍ବର ରଖିଥିବା ୬ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସମାଜର କୃତୀସମ୍ପନ୍ନ ପୂଜ୍ୟପୂଜା ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ, ଡ. ଦାଶରଥି ଭୂୟାଁ, ଡ. ତିରମଲା ଜେନା ଓ ଡ. ସୁକାନ୍ତ ବିଷୋୟୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବିଧାୟକଙ୍କୁ ସମ୍ବର୍ଦ୍ଧନା, ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଆସିକା ୧୬ା୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟାଳୟ ପରିସରରେ ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଯୁବନେତା ସନ୍ଦିପ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ସମ୍ବର୍ଦ୍ଧନା ଅବସରରେ ପୂର୍ବରୁ ସେ ବିଧାୟକ ସମୟରେ ଆସିକା ଅଞ୍ଚଳରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇଥିଲେ । ଏହି ଅବସରରେ ବିଧାୟକଙ୍କ ଦ୍ୱାରା ମଧୁବାବୁ ପେନ୍‌ସନ ଯୋଜନାରେ ଏନ୍‌ଏସିର ବିଭିନ୍ନ ୱାର୍ଡର ୩୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୫ ଜଣଙ୍କୁ ବିଧବା ଭତ୍ତା ଓ ୪ଜଣ ହିତାଧିକାରୀଙ୍କୁ ଅବିବାହିତ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିସହ ଆସିକା ଏନ୍‌ଏସିର କଳିଙ୍ଗା ରୋଡ ପିଏନ୍‌ବି ଛକ ନିକଟରେ ଏନ୍‌ଏସି ପକ୍ଷରୁ ୨୨ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏକ ଅତ୍ୟାଧୁନିକ ଶୌଚାଳୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# ରାମାୟଣ ନାଚ ମ୍ୟାନେଜର, ଅଧିକାରୀ ଜେଲ ଗଲେ

## ବିଦ୍ୟୁତ ଆଘାତରେ ୧୫ ଶିଶୁ ଗୁରୁତର ଘଟଣା, ଗିରଫ ସଂଖ୍ୟା ୭ କୁ ବୃଦ୍ଧି

ଦିଗପହଣ୍ଡି,୧୬ା୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ମଙ୍ଗଳବାର ମହୁଡା ଚାଙ୍ଗଡାପଲ୍ଲୀ ଗ୍ରାମ ରାମାୟଣ ନାଚ ଦଳର ମ୍ୟାନେଜର ଭିକାରୀ ସାହୁ ଏବଂ ନାଚ ପରିଚାଳନା ଅଧିକାରୀ ସୁଦାମ ଭୁଁୟାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଦଳିତ ସାହିରେ ରବିବାର ମଧ୍ୟାହ୍ନରେ ରାମାୟଣ ନାଟକ ମଞ୍ଚରେ ବିଦ୍ୟୁତ ଶର୍ଟ ସର୍କିଟ ହେବାରୁ ୧୫ ଶିଶୁଙ୍କ ସମେତ ୨୦ ଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ଦିଗପହଣ୍ଡି ପୋଲିସ ସୋମବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ୬ ଆହତ ଶିଶୁ ଚିକିତ୍ସା ପରେ ଘରକୁ ଫେରିଥିବା ସରପଞ୍ଚ ଶିବରାମ ପ୍ରଧାନ ଜଣାଇଛନ୍ତି। ମଙ୍ଗଳବାର ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାପରେ ଗିରଫଙ୍କ ସଂଖ୍ୟା ୭ କୁ ବୃଦ୍ଧି ପାଇଛି। ଘଟଣାର ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ନରସିଂହ ପାଣି ସୂଚନା ଦେଇଛନ୍ତି।

# ନିଷ୍ଟରେ ବନ ମହୋତ୍ସବ

ଗୋପାଳପୁର,୧୬ା୭(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ କନିସି ତହସିଲ ଅଧିନସ୍ଥ ପାଲୁର ହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍, ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ବୃକ୍ଷରୋପଣରେ ମୁଖ୍ୟ ଅତିଥି ଭାବେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଯୋଗଦେଇ ପରିବେଶର ମୂଳରେ ବୃକ୍ଷର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସତ୍ୟସାଇ ସେବା ସଂଗଠନର ସଂଯୋଜକ ମହେଶ ଜେନା, ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନର ଜିଲା ସଂଯୋଜକ ଭାରତ ଗୌରବ ଦାଶ, ନିଷ୍ଟ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଏମ.ଡି ରିୟାଜ୍‌ଉଦିନ୍‌ଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ପି. ରାଜେଶ କୁମାର, କୁଳସଚିବ ବିଷ୍ଣୁଙ୍କର ନାୟକ, ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲି, କୈଳାଶ ମଲିକ, ମାନସ କୁମାର ପାତ୍ର, ସମ୍ମିତ ଶୁକ୍ଳା, ପ୍ରୀତି ରଞ୍ଜନ ସାହୁ, ଆଶିଷ ମହାପାତ୍ର, ସ୍ୱାଧୀନ ମିଶ୍ର, ସୁରେଶ ମହାପାତ୍ର ଯୋଗଦେଇଥିଲେ।




# ଗଞ୍ଜାମ ଏନ୍‌ଏସିରେ ପରିମଳ ବିପର୍ଯ୍ୟସ୍ତ

ଗଞ୍ଜାମ,୧୬ା୭(ବିଦ୍ୟାଧର ସାହୁ)

ଗଞ୍ଜାମଏନ୍‌ଏସି ସୁଇପରମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ୬ ଦିନ ବିତିଥିବାରୁ ସହର ସାରା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି। ଦିନକୁ ଦିନ ଗଞ୍ଜାମ ଏନ୍‌ଏସିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳିଛି। ଫଳରେ ୧୨ଟି ୱାର୍ଡରେ ୫/୬ଦିନ ହେବ ଏଣେତେଣେ ଅଳିଆ ଆବର୍ଜନା ପଡ଼ି ରହିଛି। ଏହାକୁ ନେଇ ସାଧାରଣରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଦରମା ମିଳିନାହିଁ, ଯାହାକୁ ନେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିପାଇଁ ସହରରେ ଅଳିଆ ଗଦାହୋଇ ରହିଥିବା ବେଳେ ବର୍ଷାଦିନ ଯୋଗୁ ସେହି ଅଳିଆରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଲୋକମାନେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଭିନ୍ନ ସାହି ଯଥା ରଘୁନାଥ ସାହି ମୁହଁରେ ଅଳିଆ ଗଦା ହୋଇଛି। ଓଡ଼ିଆ ଡମଣା ସାହି, ବଡ଼ ବଜାର, ସାନବଜାର ତଥା ଅନ୍ୟାନ୍ୟ ସ୍ଥାନରେ ୫/୬ ଦିନ ହେଲା ଅଳିଆ ପଡ଼ିରହିଛି। ଏଥିସହ ୱାର୍ଡର ବିଭିନ୍ନ ସାହି ସଫେଇ ନ ହେବା ଯୋଗୁ ରାସ୍ତା ସାରା ଅଳିଆ ପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗାଯୋଗ ବେଳେ କହିଛନ୍ତି, ପରିମଳ ସେବା ୩ ଦିନ ହେଲା ବନ୍ଦ ରହିଥିବା ସେ ସ୍ୱୀକାର କରିଛନ୍ତି। ସଫେଇ କର୍ମଚାରୀଙ୍କୁ ୧ମାସର ଦରମା ପରିମଳ ଟେଣ୍ଡର ନେଇଥିବା ସଂସ୍ଥା ଦେଇନାହିଁ। ତେଣୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏ ନେଇ ସେ ଜିଲା ପ୍ରଶାସନକୁ ଅବଗତ କରାଇଥିବା କହିଛନ୍ତି। ଅନ୍ୟପଟେ ପରିମଳ ଟେଣ୍ଡର ନେଇଥିବା ଠିକା ସଂସ୍ଥାର ୩ ମାସ ବିଲ୍ ପେଣ୍ଡିଂ ରଖିଛି , ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ଆଲୋଚନା ହେଉଛି।


ପଡ଼ି ରହିଥିବା ଅଳିଆ ଆର୍ବଜନା।

# ବାହାନା ନାଳ ସ୍ଥିତି ସଙ୍ଗିନ, ବଢ଼ିଲା ଚିନ୍ତା

ବ୍ରହ୍ମପୁର,୧୬।୭(ଅଶୋକ କୁମାର ସାହୁ)





ବ୍ରହ୍ମପୁର ସହର ଭିତର ଦେଇ ଯାଇଥିବା ବାହାନା ନାଳର ସ୍ଥିତି ସଙ୍ଗିନ ହୋଇପଡ଼ିଛି। ନାଳର ବିଭିନ୍ନ ସ୍ଥାନରେ ଆବର୍ଜନା ପଡୁଥିବା ଓ ଅନେକ ସ୍ଥାନରେ ଦଳ ଭର୍ତ୍ତି ହୋଇଯାଇଥିବାରୁ ନର୍ଦ୍ଦମାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏପଟେ ବର୍ଷା ଆରମ୍ଭ ହୋଇଯାଇଥିବାରୁ ବାହାନା ଉଛୁଳିବ ଓ ଘରେ ପାଣି ପଶିବା ଆଶଙ୍କାରେ ନାଳ କୂଳେ କୂଳେ ଥିବା ବାସିନ୍ଦାଙ୍କ ଚିନ୍ତା ବଢ଼ିଯାଇଛି। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଓ ଜଳ ନିକାଶ ବିଭାଜନ ପକ୍ଷରୁ ପ୍ରତିବର୍ଷ ବହୁ ଅର୍ଥ ଖର୍ଚ୍ଚ କରାଯାଉଥିଲେ ବି ସ୍ଥାୟୀ ପ୍ରତିକାର କାହିଁକି ହୋଇପାରୁନାହିଁ ଏ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।

ସାପୁଆ ନଦୀର ଶାଖା ବାହାନା ଏକ କୃଷିଭିତ୍ତିକ ନାଳ ଥିଲା। ଏହି ନାଳ ଦ୍ୱାରା ସହର ନିକଟ ଜମି ଜଳସେଚିତ ହେଉଥିଲା। କିନ୍ତୁ ବାହାନା କଡ଼େ କଡ଼େ ଜନବସତି ଗଢ଼ି ଉଠିବାରୁ ତାହା ସହର ଭିତରେ ରହିଗଲା। ସହରର ଆବର୍ଜନା ପାଣି ନାଳକୁ ଛଡ଼ାଗଲା। ଏବେ ଏହା ସମ୍ପୂର୍ଣ୍ଣ ପ୍ରଦୂଷିତ। ଫାଷ୍ଟଗେଟ୍ ନିକଟରୁ ବାହାରିଥିବା ବାହାନା ନାଳ ଗୋପାଳପୁର ଜଙ୍କଶନ ନିକଟରେ ପ୍ରଶସ୍ତ ହୋଇଯାଇଛି। ପ୍ରତିବର୍ଷ ଏହି ନାଳ ସଫେଇ ପାଇଁ ଜଳ ନିକାଶ ବିଭାଜନ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛି। ନାଳର ଯେଉଁଠି ମରାମତି କାର୍ଯ୍ୟ ହେଉଛି ତାହା ବି କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳୁଛି। ହେଲେ ନାଳର ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଥିବାରୁ ଏହା ସଂକୀର୍ଣ୍ଣ ହୋଇଯାଇଛି। କେତେକ ସ୍ଥାନରେ ନାଳ ଉଚ୍ଚରେ ଥିବାବେଳେ ଜନବସତି ନୀଚ ସ୍ଥାନରେ ରହିଛି। ଏବେ ଜବରଦଖଲକାରୀଙ୍କୁ ଚିହ୍ନଟ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ୩୪.୮ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ନାଳର ପ୍ରାୟ ୧୧ କି.ମି. ସହରର ୧୮ଟି ୱାର୍ଡ ଭିତରେ ରହିଛି। ତେଣୁ ବାହାନା ପାଇଁ ବିଏମ୍‌ସିର ଗୁରୁଦାୟିତ୍ୱ ରହିଛି। ଏହି ୨ ବିଭାଗ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ସଙ୍ଗିନ ହେବାରେ ଲାଗିଛି ବୋଲି ୧୮ନଂ. ୱାର୍ଡ ତ୍ରିବେଣୀନଗରର ସାମାଜିକ କର୍ମୀ ବସନ୍ତ ବେହେରା, ମୁରଲୀଧର ପଣ୍ଡା, ସନ୍ତୋଷ ପାଢ଼ୀ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଦ୍ୱିତୀୟ ଗୌଡ଼ସାହି, ରାଉତପେଟା ସାହି, ଗଙ୍ଗାଧର ନଗର, ହନୁମାନ ନଗର, ମଥୁରା ନଗର, ବାଲାଜୀ ପେଣ୍ଠ ସାହି (ଗୁଲା ସାହି), ଗେଟ୍ ବଜାର ଧୋବାନାଳରେ ମିଶି ନୀଳାଞ୍ଚଳନଗର, ଗଜପତିନଗର ଆଦି ଦେଇ ବାହାନା ନାଳ ଯାଇଛି। ଓଡିଆରପି ପାଣ୍ଠିରୁ ବନ୍ୟାଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଆସିଥିଲା। କିନ୍ତୁ କାମ କିଛି କରିଦେଇ ବନ୍ଦ ହୋଇଯାଇଛି। ସେହି ଅନୁଦାନ କେମିତି ଖର୍ଚ୍ଚ ହୋଇଛି ତାହା ଜଣାପଡୁନାହିଁ ବୋଲି ସେମାନେ କହିଛନ୍ତି। ଜଳ ନିକାଶ ବିଭାଜନ ପକ୍ଷରୁ ପ୍ରତିବର୍ଷ ପର୍ଯ୍ୟାପ୍ତ ଅନୁଦାନ ଖର୍ଚ୍ଚ କରାଯାଉଛି ବୋଲି କୁହାଯାଉଛି। କିନ୍ତୁ କେବଳ ଗୋଟିଏ ସ୍ଥାନରୁ କିଛି ଆବର୍ଜନା ବାହାର କରିଦେଇ ଠିକାଦାର ଚାଲିଯାଉଛନ୍ତି। ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉ ନ ଥିବାରୁ ଅର୍ଥ ବାଟମାରଣା ହେଉଥିବା ସନ୍ଦେହ ହେଉଥିବା ପ୍ରକାଶ କରିଛନ୍ତି। ଗତ କିଛିଦିନ ତଳେ ହୋଇଥିବା ବିଏମ୍‌ସି ସାଧାରଣ ବୈଠକରେ ୩୫ ନଂ. ୱାର୍ଡର କର୍ପୋରେଟର ସମୀର କୁମାର ମିଶ୍ର ବାହାନା ନାଳ ପ୍ରସଙ୍ଗ ଉଠାଇ ସଫେଇ କରିବାକୁ ଦାବି କରିଥିଲେ। ବ୍ରହ୍ମପୁର ଜଳ ନିକାଶ ବିଭାଜନର ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ବାହାନା ନାଳ ସଫେଇ ପାଇଁ ପ୍ରତିବର୍ଷ ଅର୍ଥ ଖର୍ଚ୍ଚ କରାଯାଉଛି। ଚଳିତବର୍ଷ ମଧ୍ୟ ୧୫ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ସୂଚନା ଦେଇଛନ୍ତି। ଗଜପତିନଗର ଉନ୍ନୟନ କମିଟିର ଜଣେ ସଦସ୍ୟ ଅଭିଯୋଗ କରିଛନ୍ତି, ବର୍ଷାଦିନେ ନାଳ ସଫେଇ କରୁଛନ୍ତି। ଆବର୍ଜନା ସବୁ ନାଳ କଡ଼େ ପକାଇ ଦିଆଯାଉଥିବାରୁ ବର୍ଷା ହେଲେ ପୁଣି ତାହା ନାଳକୁ ଯିବ। ସଫେଇ ଧର୍ମକୁ ଆଖିଠାର ବୋଲି ସେ ଅଭିଯୋଗ କରିଛନ୍ତି।

# ଏମ୍‌କେସିଜିର ୭ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

## ବିନା ଅନୁମତିରେ ଛୁଟିରେ ଅଛନ୍ତି, ନୋଟିସର ଉତ୍ତର ରଖୁନାହାନ୍ତି

ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟରେ ଥିବା ବିଭିନ୍ନ ମେଡିକାଲ କଲେଜରେ କାର୍ଯ୍ୟ କରୁଥିବା ମୋଟ ୧୪ ଜଣ ଡାକ୍ତର ଦୀର୍ଘ ବର୍ଷ ହେବ କାହାର ଅନୁମତି ନ ନେଇ ଡାକ୍ତରଖାନାରେ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ମଧ୍ୟରେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜର ୭ ଜଣ ଡାକ୍ତର ଅଛନ୍ତି । ୨୦୧୬ରୁ ୨୦୨୩ ମଧ୍ୟରେ ଏହି ୭ ଜଣ ଡାକ୍ତର ଡାକ୍ତରଖାନାକୁ ଆସିନାହାନ୍ତି। ଏପରକି ଏମ୍‌କେସିଜି ମେଡିକାଲ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଟିସ ପରେ ମଧ୍ୟ ସେମାନେ କୌଣସି ଉତ୍ତର ଦେଉ ନ ଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିକଟରେ ଜାରି ହୋଇଥିବା ନୋଟିସରୁ ଜଣାପଡ଼ିଛି। ଏମ୍‌କେସିଜିରେ କାର୍ଯ୍ୟରତ ଥିବା ବେଳେ ନ୍ୟୁରୋ ସର୍ଜରୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ରମାଚନ୍ଦ୍ର ଦେଓ ୨୦୧୬ ଠାରୁ ଡାକ୍ତରଖାନାକୁ ଆସିନାହାନ୍ତି । ଛୁଟିରେ ରହିବା କିମ୍ବା ଅନୁପସ୍ଥିତ ରହିବା ବିଷୟରେ ସେ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଇନାହାନ୍ତି। ସେହିପରି ଡା. ବିମରଜିତ ପ୍ରଧାନ ଏମକେସିଜିର କର୍ଣ୍ଣ ନାଶା ଓ ଗଳା ରୋଗ ବିଭାଗରେ କାର୍ଯ୍ୟରତ ଥିବା ବେଳେ ୨୦୧୬ରୁ ଅନୁପସ୍ଥିତ ଅଛନ୍ତି। ରେଡିଓ ଡାଏଗ୍ନୋଷ୍ଟିକ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ବେଳେ ଡା. ସୁନିତା ସାହୁ ୨୦୧୮ ନଭେମ୍ବରରୁ ଆସିନାହାନ୍ତି। ସାଧାରଣ ମେଡିସିନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଏଲ .ରବି କୁମାର ୨୦୨୦ ଅକ୍ଟୋବରରୁ, ରେଡିଓଥେରାପି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ଚୈତାଳି ବୋଷ ୨୦୨୧ ମେ ମାସଠାରୁ , ଫିଜିଓଲୋଜି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଡା. ଲକ୍ଷ୍ମୀକାନ୍ତ ମୁଣ୍ଡା ୨୦୨୧ ଜାନୁଆରୀରୁ, ଫିଜିଓଲୋଜି ବିଭାଗର ଆସୋସିଏଟ ପ୍ରଫେସର ଡା. ସଂଗୀତା କର ୨୦୨୩ ଜୁଲାଇରୁ ଅନୁପସ୍ଥିତ ରହିଛନ୍ତି। ଦୀର୍ଘ ବର୍ଷ ଧରି ଗାଏବ ଥିବା ଏହି ଡାକ୍ତରମାନଙ୍କ ବିରୋଧରେ ନୋଟିସ ଜାରି କରିବାକୁ ନିକଟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଓ ପ୍ରସାରଣ ବିଭାଗକୁ ଚିଠି କରାଯାଇଥିଲା। ସେହିପରି ସମସ୍ତ ଡାକ୍ତରଙ୍କୁ ୭ ଦିନ ଭିତରେ ଉତ୍ତର ରଖିବାକୁ କୁହାଯାଇଥିଲା । ହେଲେ ୭ ଦିନରୁ ଅଧିକ ସମୟ ବିତି ସାରିଥିଲେ ମଧ୍ୟ ଏମକେସିଜିର ଗାଏବ ଥିବା ଡାକ୍ତରମାନେ ଏ ଯାବତ ଏମକେସିଜି କର୍ତ୍ତୃପକ୍ଷଙ୍କୁ କୌଣସି ଉତ୍ତର ଦେଇନାହାନ୍ତି। ଏ ସମ୍ପର୍କରେ ଏମକେସିଜିର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ପଚରାଯିବାରେ ସେ କହିଛନ୍ତି ବିନା ଅନୁମତିରେ ଡାକ୍ତରଖାନାରୁ ଅନୁପସ୍ଥିତ ଥିବା କୌଣସି ଡାକ୍ତର ବର୍ତ୍ତମାନ ସୁଦ୍ଧା ନିଜ ଉତ୍ତର ରଖିନାହାନ୍ତି।

## ସଂକ୍ଷେପରେ

### ବୃଦ୍ଧାଙ୍କ ଘରୁ ଟଙ୍କା, ସୁନା ଚୋରି

ବ୍ରହ୍ମପୁର,୧୬।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ରହୁଥିବା ଶାନ୍ତିଲତା ଦାସ(୮୩)ଙ୍କ ଘରୁ ସୁନା ଚୁଡ଼ି ଓ ଟଙ୍କା ଚୋରି ହୋଇଛି। ଘରକୁ କାମ କରିବାକୁ ଆସୁଥିବା ଜଣେ ମହିଳା ଚୋରି କରିଥିବା ସନ୍ଦେହ କରି ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶାନ୍ତିଲତାଙ୍କ ଘରେ ଭଞ୍ଜନଗର ନିକଟ ଧୁମୁଛାଇର ଜଣେ ମହିଳା କାମ କରିବାକୁ ଆସୁଛନ୍ତି। ସେ ଶାନ୍ତିଲତାଙ୍କ ରହୁଥିବା ଘର ନିକଟରେ ରହୁଛନ୍ତି। ୩ ଦିନ ତଳେ ମହିଳା ଜଣକ ଘରକୁ କାମ କରିବାକୁ ଆସିଥିବା ବେଳେ ମନିପର୍ସରୁ ୧୩ ଗ୍ରାମର ୨ ଟି ସୁନା ଚୁଡ଼ି ଓ ଟଙ୍କା ଚୋରି କରି ନେଇ ଯାଇଛନ୍ତି ବୋଲି

# ମା'ଙ୍କ ମୃତଦେହ ନେଲେନି ପୁଅ, ଝିଅଜ୍ୱାଇଁ କଲେ ସଂସ୍କାର

ଦିଗପହଣ୍ଡି, ୧୬।୭ (ଅଶେଷ ନାଥ ମିଶ୍ର): ମା'ଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର କରିବାକୁ ନେଇ ପୁଅବୋହୂ ଓ ଝିଅଜ୍ୱାଇଁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ମା' ବ୍ୟାଙ୍କରେ ରଖିଥିବା ଟଙ୍କାକୁ ଝିଅ ଜ୍ୱାଇଁ ସବୁ ନେଇଯାଇଥିବା ଅଭିଯୋଗ କରି ପୁଅ ବୋହୂ ମା'ଙ୍କ ମୃତଦେହକୁ ସଂସ୍କାର କରିବାକୁ ମନା କରିଦେଇଛନ୍ତି। ଶ୍ମଶାନରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପୁଅ ବୋହୂ ନେବାକୁ ମନା କରିବାରୁ ବାଧ ହୋଇ ଝିଅଜ୍ୱାଇଁଙ୍କୁ ହସ୍ତାନ୍ତର କରିଛି। ଗଞ୍ଜାମ ଜିଲା ପାଟପୁର ଥାନା ଗାନ୍ଧୀଛକରେ ମଙ୍ଗଳବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ଆସିକା ବ୍ଲକ କମାଗଡ଼ ଗାଁର ସୁନ୍ଦରୀ ନାୟକଙ୍କ ଦୁଇ ପୁଅ ରୁଫଲାଲ ଓ ପ୍ରଶାନ୍ତ। ବୃଦ୍ଧା ବୟସରେ ପୁଅବୋହୂ ଖାଇବାକୁ ନ ଦେବାରୁ ପାଟପୁର ଥାନା ଗାନ୍ଧୀଛକରେ ରହୁଥିବା ସାନ ଝିଅ ଓ ଜ୍ୱାଇଁ ଘରେ ସୁନ୍ଦରୀ ଦୀର୍ଘଦିନ ହେଲା ରହିଆସୁଥିଲେ। ଝିଅ ଜ୍ୱାଇଁ ତାଙ୍କ ସେବା ଯତ୍ନ କରିବା ସହ ଚିକିତ୍ସା ବ୍ୟବସ୍ଥା ତଦାରଖ କରୁଥିଲେ। ବାର୍ଦ୍ଧକ୍ୟ ଜନିତ

### ସମ୍ପତ୍ତି ପାଇଁ ପୁଅ-ଜ୍ୱାଇଁଙ୍କ ମଧ୍ୟରେ କଳି

କାରଣରୁ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। କମାଗଡ଼ରେ ରହୁଥିବା ଦୁଇ ପୁଅଙ୍କୁ ଝିଅଜ୍ୱାଇଁ ମା'ଙ୍କ ମୃତ୍ୟୁ ଖବର ଦେଇଥିଲେ। ପୁଅ ରୁଫଲାଲ ପକ୍ଷାଘାତ ରୋଗୀ ହୋଇଥିବାରୁ ଆସି ନ ଥିଲେ। ଅନ୍ୟ ପୁଅ ପ୍ରଶାନ୍ତ ଓ ବୋହୂ ଗୌରୀ ଗାନ୍ଧୀଛକରେ ପହଞ୍ଚିଥିଲେ। ଶୁଦ୍ଧିକ୍ରିୟା ପାଇଁ ଆମ ପାଖରେ ଅର୍ଥ ନ ଥିବାରୁ ବ୍ୟାଙ୍କରେ ମା'ଙ୍କ ନାଁରେ ଥିବା ଟଙ୍କା ଦେଲେ ଆମେ ମୃତଦେହ ଗାଁକୁ ନେବୁ ବୋଲି ପୁଅବୋହୂ ରୋକଠୋକ କହିଥିଲେ। ସେମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି କଳି ଝଗଡ଼ା ଲାଗିଥିଲା। ବର୍ଷେ ହେଲା ସୁନ୍ଦରୀଙ୍କ ଚିକିତ୍ସା କରାଯାଉଥିବାରୁ ତାଙ୍କ ବ୍ୟାଙ୍କ ପାସ୍‌ବୁକରୁ ସବୁ ଟଙ୍କା ସରିଯାଇଥିବା ନେଇ ଜ୍ୱାଇଁ ବସନ୍ତ କହିଥିଲେ। କିନ୍ତୁ ପୁଅ ବୋହୂ ମାନି ନ ଥିଲେ। କୌଣସି ସମାଧାନ ନ ହେବାରୁ ଜ୍ୱାଇଁ ତାଙ୍କ ବନ୍ଧୁ ବାନ୍ଧବଙ୍କୁ ଡାକି ଅନ୍ତିମ ସଂସ୍କାର ପାଇଁ ମୃତଦେହ ଗାଁ ଶ୍ମଶାନକୁ ନେଇଯାଇଥିଲେ। ତେବେ ପୁଅ ବୋହୂ ପାଟପୁର ଥାନାକୁ ଯାଇ ତାଙ୍କୁ ମା'ଙ୍କ ମୃତ୍ୟୁ ଖବର ଦିଆଯାଇ ନ ଥିବା ଏବଂ ମା' ନାଁରେ ଥିବା ସମସ୍ତ ଟଙ୍କା ଜ୍ୱାଇଁ ବସନ୍ତ ଉଠାଇ ନେଇଥିବା ଅଭିଯୋଗ କରିଥିଲେ। ପାଟପୁର ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ପୋଲିସ ଅପମୃତ୍ୟୁ ମାମଲା ନଂ.୯/୨୪ ରୁଜୁକରି ଜବତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ହେବା ପରେ ପୋଲିସ ପୁଅ ପ୍ରଶାନ୍ତ ଏବଂ ବୋହୂଙ୍କୁ ଡାକିବାରୁ ସେମାନେ ମୃତଦେହ ନେବାକୁ ରାଜି ହୋଇ ନ ଥିଲେ। ପୋଲିସ ବାଧହୋଇ ଜ୍ୱାଇଁ ଓ ଝିଅଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ଝିଅ ଜ୍ୱାଇଁ ବ୍ରହ୍ମପୁର ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରି ଘରକୁ ଫେରିଥିଲେ।

# ବିଶ୍ୱ ସର୍ପ ଦିବସରେ ସଚେତନତା



ବ୍ରହ୍ମପୁର,୧୬।୭(ସ୍ୱାଧୀନ ଶେଖର ପାଢ଼ୀ)

ସ୍ନେକ ହେଲ୍ପ ଲାଇନ ପକ୍ଷରୁ କୁକୁଡାଖଣ୍ଡି ବ୍ଲକ କୁସୁମି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସାପ ଉପରେ ସଚେତନ କରାଯାଇଥିଲା। ଜିଲାରେ ଦେଖାଯାଉଥିବା ସାପ, ତାହା ବିଷଧର କି ନୁହଁ, ସାପ କାମୁଡିଲେ ପ୍ରାଥମିକ ଭାବେ କ'ଣ କରିବେ, ସାପକୁ ଚିହ୍ନିବେ କିପରି ସେ ବିଷୟରେ ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ କୁମାର ସାହୁ ବୁଝାଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ତାରା ପ୍ରସାଦ ଦାସ ଓ ପି. ଅରବିନ୍ଦ ଦେଶୀବେହେରା ବିଦ୍ୟାର୍ଥୀଙ୍କ ମନରୁ ସାପକୁ ନେଇ ଥିବା ଅନ୍ଧବିଶ୍ୱାସ ଦୂର କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟାପକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ସବୁଜ ବାହିନୀର ସାଗର ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ସାପ ଧରାଳି କାଳିଆ ସାହୁ, ସବୁଜ ବାହିନୀ ସଦସ୍ୟ ରବି ସାହାଣୀ, ପି. ବିନୋଦ, ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସବୁଜ ବାହିନୀ ଉପ ସଭାପତି ଏମ୍ ଦିଲ୍ଲୀପ କୁମାର ଧନ୍ୟବାଦ ଦେଇଥିଲେ।

### ଦୁଇ ଚୋରି ସାଇକେଲ ଉଦ୍ଧାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ସାଇକେଲ ଚୋରି କରିବା ଅଭିଯୋଗରେ ବଡ଼ ବଜାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପି.ରାଜେଶ ପାତ୍ର(୫୮)। ତାଙ୍କ ନିକଟରୁ ଦୁଇଟି ଚୋରି ସାଇକେଲ ଉଦ୍ଧାର କରାଯାଇଛି। ମଙ୍ଗଳବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି । ଗୋଷାଣୀନୁଆଗାଁ ନିବାସୀ ଶୁଭମ ସାହୁ ସ୍ଥାନୀୟ ଆସିକା ରୋଡ଼ ସାଗୁଣା ସାହିକୁ ଟିୟୁଶନ କରିବାକୁ ଯାଆନ୍ତି । ଗତ ୪ ତାରିଖ ସନ୍ଧ୍ୟାରେ ଟିୟୁଶନ ବେଳେ ବାହାରେ ଥିବା ତାଙ୍କ ବ୍ୟାଟେରୀ ସାଇକେଲକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ । ସେ ଏ ନେଇ ବଡ଼ ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିଥିଲା।

# ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ ସଚେତନତା



ଅତିଥିଙ୍କ ଦ୍ୱାରା ସଚେତନତା ଗାଡି ଉଦଘାଟନ କରାଯାଇଛି।

ବ୍ରହ୍ମପୁର,୧୬।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ ନେଇ ଏକ ସଚେତନତା ଗାଡି ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ଭବାନୀ ପ୍ରସାଦ ଶର୍ମା ଓ ଡେପୁଟି କମିଶନର ଆଶୀର୍ବାଦ ପରିଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଗାଡିଟିକୁ ଉଦଘାଟନ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ଦୌଡରେ ବ୍ରହ୍ମପୁର ମହାନଗରକୁ ୧ ନଂ କରିବା ଦିଗରେ ଏଭଳି ପ୍ରୟାସ ସଫଳ ହେବ ବୋଲି ଅତିଥିମାନେ କହିଥିଲେ। ଶୁଖିଲା ଏବଂ ଓଦା ଆବର୍ଜନା ପୃଥକ ଭାବେ ସଂଗ୍ରହ, ନିୟମିତ ଭାବେ ଆବର୍ଜନା ପଏଣ୍ଟ ସଫେଇ, ସ୍ୱଚ୍ଛତା ସହ ଶିଶୁଙ୍କୁ ଗୁଣବତ୍ତା ସହାୟତା, ଜଳର ମାନ ପରୀକ୍ଷା, ବିଶୁଦ୍ଧ ଜଳ ଯୋଗାଣ ଓ ବିଶୁଦ୍ଧ ପାଣିର ସୁରକ୍ଷା, ଘରକୁ ଘର ଅଳିଆ ସଂଗ୍ରହ ଓ ଲୋକମାନେ ବାହାରେ ଆର୍ବଜନା ନ ପକାଇବା ପାଇଁ ଏହି ଗାଡି ସଚେତନ କରାଇବ। ଏଥିସହ ବାହାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନ ପକାଇବା ପାଇଁ ସଚେତନ କରିବ। ସ୍ୱଚ୍ଛ ସାଥୀଙ୍କ କାର୍ଯ୍ୟ ସଂପର୍କରେ ସହରବାସୀଙ୍କୁ ଜଣାଇବ। ଅଗଷ୍ଟ ୩୧ ତାରିଖ ଯାଏ ଗାଡିଟି ସହରର ସମସ୍ତ ୱାର୍ଡ ପରିକ୍ରମା କରିବ। ଉଦ୍‌ଘାଟନୀରେ ଅନ୍ୟମାନଙ୍କ ମଧ୍ୟରେ ସାନିଟେସନ ଏକ୍ସପର୍ଟ ସାଗିରିକା ଖଣ୍ଡୁଆଳ, ରାଜେନ୍ଦ୍ର ସାହୁ, ମୁକ୍ତା କୋଡିନେଟର କେଦାରନାଥ ହୋତା ଓ ସାନିଟେସନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଆଜି ଆନ୍ତର୍ଜାତିକ ନ୍ୟାୟ ଦିବସ

ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ): ବୁଧବାର ଆନ୍ତର୍ଜାତିକ ନ୍ୟାୟ ଦିବସ। ବିଶେଷ କରି ମାନବାଧିକାର ଉଲ୍ଲଂଘନର ଗୁରୁତର ମାମଲା ଏବଂ ତାହାକୁ ଦୂର କରିବାରେ ଆନ୍ତର୍ଜାତିକ ଆପରାଧିକ ଅଦାଲତ (ଆଇସିସି)ର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ସର୍ବୋପରି ମାନବିକ ଅଧିକାର ପାଳନ, ଦଣ୍ଡହୀନତାର ବିରୋଧ ଓ ଆଇନର ଶାସନକୁ ପ୍ରୋତ୍ସାହନ କରିବାର ଏହା ଏକ ଅବସର ଯୋଗାଇଥାଏ। ଲୋକଙ୍କୁ ନରସଂହାର, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଓ ଆକ୍ରମଣ ଅପରାଧରୁ ରକ୍ଷା କରିବା ଲାଗି ୧୯୯୮ ଜୁଲାଇ ୧୭ରେ ରୋମ୍ଠାରେ ଆଇସିସିର ପ୍ରତିଷ୍ଠାତା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଉଛି।

# ଅନାଥ ଆଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର,୧୬।୭(ସ୍ୱାଧୀନ ଶେଖର ପାଢ଼ୀ)

ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ତରଫରୁ କନିଷି ନିକଟସ୍ଥ ମଦନ ମୋହନପୁର ଅନାଥାଶ୍ରମରେ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହ ଅନ୍ତେବାସୀଙ୍କ ସମେତ ଆଶ୍ରମର ସହକର୍ମୀ ଓ ପିଲାମାନଙ୍କୁ କଲମ, ପେନସିଲ, ଖାତା ଆଦି ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଗଦାଧର ରାଉଳ, ଅଜିତ କୁମାର ପୃଷ୍ଟି, ପ୍ରଦୀପ କୁମାର ପଣ୍ଡା, ଆଇ. ରାଜେଶ୍ୱର ରାଓ, ସଂପାଦକ ଏସ୍.ଦୁର୍ଗା ରାଓ, ଏମ୍. ମନୋଜ ପୂର୍ବତନ ସଭାପତି ଡାକ୍ତର ସମ୍ବିତ ବେଗ୍ ରାୟ , ରୋଟାରିଆନ ଡଃ ସରିତା ବେଗରାୟ ଏବଂ ଇନର ହ୍ୱିଲ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର ସଭାନେତ୍ରୀ ଏମ୍.ବାଣୀଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତାବରେ ଅଟକିଛି ୩ ରେଲୱେ ଓଭରବ୍ରିଜ୍

ଛତ୍ରପୁର,୧୬।୭(ସନ୍ତୋଷ ପାଢୀ)

ଛତ୍ରପୁର ଅଞ୍ଚଳରେ ୩ଟି ରେଲୱେ ଓଭରବ୍ରିଜ୍ ନିର୍ମାଣ ଦୀର୍ଘ ବର୍ଷ ଧରି ପ୍ରସ୍ତାବରେ ଅଟକି ରହିଛି। ଫଳରେ ଲୋକଙ୍କୁ ଦୀର୍ଘ ସମୟ ଧରି ଯାତାୟତ ଲାଗି ଅପେକ୍ଷା କରିବାକୁ ପଡୁଛି। ଜଗନ୍ନାଥପୁର ଛକ ରେଲୱେ ଓଭରବ୍ରିଜ ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ମଧ୍ୟ କରାଯାଇଥିଲା । ମାତ୍ର ବିଭିନ୍ନ ଆଳ ଦେଖାଇ ଏହାର ନିର୍ମାଣ କରାଯାଉନି। ଏ ସମ୍ପର୍କରେ ତତ୍କାଳୀନ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହି ରେଲୱେ ଫାଟକ ସମ୍ମୁଖରେ ଏଫସିଆଇ (ଭାରତୀୟ ଖାଦ୍ୟ ନିଗମ) ଓ ଜଗନ୍ନାଥପୁର ଗୁଡ୍ ସେଡ୍ ରହିଥିବାରୁ ଶତାଧିକ ଟ୍ରକ୍ ମାଲ ପରିବହନ ପାଇଁ ଆସଥାନ୍ତି। ଏଥିଲାଗି ଦୈନିକ ଟ୍ରାଫିକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଥାଏ। ଏହି ରେଲୱେ ଫାଟକ ଦେଇ ବ୍ରହ୍ମପୁର ସହର ଏବଂ ଅପରପାର୍ଶ୍ୱକୁ ଛତ୍ରପୁର, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ହିଞ୍ଜିଳି, ବେଗୁନିଆପଡା, ପୋଲସରା ଓ ବେଗୁନିଆପଡାକୁ ଲୋକେ ଯାତାୟତ କରିଥାନ୍ତି। ଛତ୍ରପୁର ସହର ଉପକଣ୍ଠ ରିକାପଲ୍ଲୀ ଓ ବାଲିବଗଡ ରେଲୱେ ଓଭରବ୍ରିଜ୍ ନିର୍ମାଣ ଅନିଶ୍ଚିତତା ମଧ୍ୟରେ ରହିଛି। ବାଲିବଗଡଠାରେ ପ୍ରସ୍ତାବିତ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ଜଳସେଚନ ବିଭାଗର କେନାଲ ଓ ସରକାରୀ ଜମି ବାଧକ ସାଜିଛି। ସରକାରୀ ଜମି ହସ୍ତାନ୍ତର ପାଇଁ ପ୍ରଶାସନକୁ ରେଲୱେ କର୍ତ୍ତୃପକ୍ଷ ଚିଠି ଲେଖିଥିବା ଜଣାପଡିଛି। ଉଭୟ ବାଲିବଗଡ ଓ ରିକାପଲ୍ଲୀ ରେଲୱେ ଫାଟକ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହର ବ୍ଲକର ଅନ୍ୟ ସବୁ ପଞ୍ଚାୟତକୁ ସଂଯୋଗ କରିଥାଏ। ଉକ୍ତ ୩ଟି ରେଲୱେ ଓଭରବ୍ରିଜ୍ ନିର୍ମାଣ ଜରୁରୀ ହୋଇପଡିଛି। ଏହା ନିର୍ମାଣ କରାଗଲେ ଯାତାୟତର ସୁବିଧା ହୋଇପାରିବ ।

# ୪୨ ୱାର୍ଡକୁ ଗୋଟିଏ ଟିଫା ମେଶିନ

## ହ୍ୟାଣ୍ଡ ଫଗିଂ ମେଶିନ ୨ ବର୍ଷ ହେଲା ଅଚଳ

ବ୍ରହ୍ମପୁର,୧୬।୭(ସ୍ମୃତି ରଞ୍ଜନ ମହାଲିକ)

ବର୍ଷା ଦିନ ଆରମ୍ଭରୁ ସହରବାସୀ ବିଭିନ୍ନ ସଂକ୍ରମିତ ରୋଗରେ ପଡୁଛନ୍ତି। ବିଶେଷକରି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି। ମ୍ୟାଲେରିଆ ଓ ବାତଜ୍ୱର ମଧ୍ୟ ହେଉଛି। ମଶା ବଂଶ ନିପାତ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ନାନା ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ତାହା ସଫଳ ହେଉ ନାହିଁ। ନିଗମ ପକ୍ଷରୁ ବର୍ତ୍ତମାନ ଟିଫା ମେଶିନ ସାହାର୍ଯ୍ୟରେ ୱାର୍ଡ ଗୁଡିକରେ ମଶାମରା ଧୂଆଁ ଛଡା ଯାଉଛି। ନିଗମର ସାନିଟେଶନ ବିଭାଗ ପକ୍ଷରୁ ପ୍ରତିଦିନ ୨ଟି ୱାର୍ଡରେ ଟିଫା ମେଶିନ ବୁଲିବା ପାଇଁ ସ୍ଥିର କରାଯାଇଛି। ଏଭଳି ଭାବେ ଚଳିତ ମାସ ଶେଷ ସୁଦ୍ଧା ୪୨ଟି ୱାର୍ଡରେ ଟିଫା ବୁଲିବା ନେଇ ଲକ୍ଷ୍ୟ ରଖାଯାଇଛି। ଯାହାଦ୍ୱାରା ମଶା ବଂଶ ରୋକିବାରେ ସାମାନ୍ୟ ସଫଳତା ଆଣିବ ବୋଲି ନିଗମ ଆଶା ପ୍ରକଟ କରିଛି। ଗତ ବର୍ଷ ମଧ୍ୟ ନିଗମ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ସମସ୍ତ ୱାର୍ଡକୁ ଟିଫା ମେଶିନ ବୁଲିପାରି ନ ଥିଲା। ଫଳରେ ନିଗମର ଯୋଜନା ଫସର ପାଲଟିଥିଲା। ଏହାର ମୂଳ କାରଣ ହେଉଛି ଟିଫା ମେଶିନର ଅଭାବ। ବିଏମସି ନିକଟରେ ବର୍ତ୍ତମାନ ଗୋଟିଏ ଟିଫା ମେଶିନ ରହିଛି। ତାହା ବି ପୁଣି ଭଙ୍ଗା ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ଏକ ଟ୍ରାକ୍ଟର ସାହାର୍ଯ୍ୟରେ ସଂଯୋଗ କରାଯାଇ ୱାର୍ଡ ଗୁଡିକୁ ମଶା ଧୂଆଁ ଛଡାଯାଉଛି। ଏହି ମେଶିନରେ ମଶା ମରା ତେଲ ଓ ଡିଜେଲ ମିଶାଯାଉଛି।



ନିୟମାନୁଯାୟୀ, ବର୍ଷା ଆରମ୍ଭରୁ ଓ ପରେ ଟିଫା ମେସିନ ବୁଲାଇବାର ନିୟମ ରହିଛି। କିନ୍ତୁ ବିଏମସି ପକ୍ଷରୁ ଉକ୍ତ ନିୟମକୁ ପାଳନ କରାଯାଉ ନାହିଁ। ଗୋଟିଏ ଟିଫା ମେସିନ ଥିବା କାରଣରୁ ଏହା ସଫଳ ହୋଇପାରୁ ନ ଥିବା ବିଭାଗ ପକ୍ଷରୁ କୁହାଯାଉଛି। ମଶା ବଂଶ ରୋକିବାର ସଫଳ ରୂପାୟନ ପାଇଁ ଗତ ୨ ବର୍ଷ ତଳେ ସାନିଟେସନ ବିଭାଗ ପକ୍ଷରୁ ୪୦ଟି ୱାର୍ଡ ନିମନ୍ତେ ୪୦ଟି ହ୍ୟାଣ୍ଡ ଫଗିଂ ମେସିନ କିଣାଯାଇଥିଲା। ପ୍ରତି ୱାର୍ଡର ଏସଆଇ ଓ ଜମାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଥିଲା। ଏହି ୨ ଅଧିକାରୀଙ୍କ ତତ୍ତ୍ୱବଧାନରେ ନିୟୋଜିତ କର୍ମଚାରୀଙ୍କ ଦ୍ୱାରା ଡ୍ରେନ ଗୁଡିକରେ ଫଗିଂ କରାଯାଉଥିଲା। ଯେଉଁଥିରେ ମାଲାଥିନ ଓ ଡିଜେଲ ମିଶୁଥିଲା। କିନ୍ତୁ ଏଗୁଡିକର ଯାନ୍ତ୍ରିକ ତ୍ରୁଟି ଫଳରେ ଫଗିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା। ଏହାର ମରାମତି ପାଇଁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ସହରରେ ୱାର୍ଡ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି। ହେଲେ ସହରବାସୀଙ୍କୁ ଉତ୍ତମ ବାତାବରଣ ଓ ମଶା କାମୁଡା ଦାଉରୁ ରକ୍ଷା ପାଇଁ ସୁପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ୪୨ଟି ୱାର୍ଡକୁ ଗୋଟିଏ ଟିଫା ମେଶିନ ମାଧ୍ୟମରେ କାମଚଳା ନୀତି ଜାରି ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ୬ଟି ହ୍ୟାଣ୍ଡ ଫଗିଂ ମେଶିନ ଓ ଆଉ ଗୋଟିଏ ଟିଫା ମେଶିନ କିଣିବା ପାଇଁ ନିଷ୍ପତ୍ତି ହୋଇଛି। ଏହା କାଉନସିଲ ବୈଠକରେ ପାରିତ ହେବା ପରେ କିଣାଯିବ ବୋଲି ସେ କହିଛନ୍ତି।

